# D.A.V. PUBLIC SCHOOLS, POKHARIPUT, BBSR
## PERIODIC ASSEMENT - 1 (2020-2021)
## CLASS – VI
## SUBJECT – HIGHER ODIA

**TIME- 40 MINUTES** **SET -A** **Maximum Marks -20**

**ସାଧାରଣ ନିର୍ଦ୍ଦେଶାବଳୀ :-**

1. ପ୍ରଶ୍ନପତ୍ରରେ ସର୍ବମୋଟ **୨୦ଟି ପ୍ରଶ୍ନ** ଅଛି ।
2. ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
3. ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
4. ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୨୦X୧=୨୦)**

ମାନବ ସମାଜ ପାଇଁ ମୃତ୍ୟୁଦୂତ ପାଲଟିଥିବା କରୋନା ପରୋକ୍ଷରେ ପରିବେଶ ପାଇଁ ଏକ ପ୍ରକାର ବରଦାନ ସାବ୍ୟସ୍ତ ହୋଇଛି। କରୋନା ସଂକ୍ରମଣରୁ ରକ୍ଷା ପାଇଁ ମାସ୍କ, ଗ୍ଲୋବ୍ସ ଏବଂ ପିପିଇ କିଟ୍ ବ୍ୟବହାର ପରେ ଫିଙ୍ଗି ଦିଆଯାଉଥିବା ବେଳେ ତାହା ପ୍ରଦୂଷଣ ସୃଷ୍ଟି କରୁଛି। ଏହି ବର୍ଜ୍ୟ ସାମଗ୍ରୀଗୁଡିକ ପ୍ରବାହିତ ହୋଇ ସମୁଦ୍ରରେ ମିଶି ଏହାର ଜଳକୁ ବିଷାକ୍ତ କରୁଥିବା ଜଣାପଡିଛି। ଫଳରେ ସାମୁଦ୍ରିକ ପରିବେଶ ପ୍ରଦୂଷିତ ହେଉଛି। କୋଟିକୋଟି ସଂଖ୍ୟାରେ ବ୍ୟବହୃତ ମାସ୍କ ଓ ଗ୍ଲୋବ୍ସ ପ୍ରଭୃତି ସମୁଦ୍ରକୁ ଫିଙ୍ଗି ଦିଆଯାଉଥିବାରୁ ଜଳଚର ପ୍ରାଣୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥିବା ଓସିଏନ-ଏସିଆ ସଂସ୍ଥା ସୂତ୍ରରୁ ଜଣାପଡିଛି । ସଂସ୍ଥା ପକ୍ଷରୁ ହଂକଂ, ତୁର୍କୀ, ଫ୍ରାନ୍ସ ଓ ବ୍ରିଟେନ୍‌ର ସମୁଦ୍ର କୂଳରେ ପଡିଥିବା ଆବର୍ଜନାର ସର୍ଭେ କରାଯାଇଥିଲା । ଏହି ଅନୁସାରେ ସମୁଦ୍ର କୂଳରୁ ୧୦୦ ମିଟର ଦୂରତା ଭିତରେ କୋଭିଡ-୧୯ ଚିକିତ୍ସା ପାଇଁ ବ୍ୟବହୃତ ମେଡିକାଲ ଆବର୍ଜନା ବହୁପରିମାଣରେ ଜମା ହୋଇ ରହିଛି। ସମ୍ପ୍ରତି ପୃଥିବୀର ୧୮୮ଟି ଦେଶ କରୋନା ସଂକ୍ରମିତ ହୋଇଥିବା ବେଳେ ଆକଳନ ଅନୁସାରେ ଗୋଟିଏ ଲୋକ ଦିନକୁ ଦୁଇଟି ମାସ୍କ ବ୍ୟବହାର କରେ। ବ୍ୟବହାର ପରେ ଏଗୁଡିକୁ ଫିଙ୍ଗି ଦେଉଥିବା ବେଳେ ଏହା ସମୁଦ୍ରରେ ମିଶୁଛି। ଫଳରେ ସମୁଦ୍ର ଜଳ ବିଷାକ୍ତ ହେଉଛି।

**୧. ସାମୁଦ୍ରିକ ପରିବେଶ କିପରି ପ୍ରଦୂଷିତ ହେଉଛି ?**

**(i)** ସମୁଦ୍ରରେ ଜାହାଜର ପରିମାଣ ବଢ଼ିଯିବାରୁ

**(ii)** ଜଳପଥକୁ ମୁଖ୍ୟପଥ କରାଯିବାରୁ

**(iii)** ଜଳବାହିନୀ ସୈନିକମାନଙ୍କର ପ୍ରାଦୁର୍ଭାବ ଯୋଗୁଁ

**(iv)** ବର୍ଜ୍ୟ ସାମଗ୍ରୀଗୁଡିକ ପ୍ରବାହିତ ହୋଇ ସମୁଦ୍ରରେ ମିଶୁଥିବାରୁ

୨. ସମ୍ପ୍ରତି ପୃଥିବୀର କେତୋଟି ଦେଶ କରୋନା ସଂକ୍ରମିତ ହୋଇଛନ୍ତି ?

(i) ୧୮୫ ଟି ଦେଶ

(ii) ୧୯୫ଟି ଦେଶ

(iii) ୧୮୮ ଟି ଦେଶ

(iv) ୧୯୦ଟି ଦେଶ

**୩. ମାନବ ସମାଜ ପାଇଁ ମୃତ୍ୟୁଦୂତ ସାଜିଥିବା କରୋନା କାହାପାଇଁ ବରଦାନ ସାବ୍ୟସ୍ତ ହୋଇଛି ?**

(i) ଚୀନ ପାଇଁ

(ii) ଆମେରିକା ପାଇଁ

(iii) ପରିବେଶ ପାଇଁ

(iv) ବ୍ରାଜିଲ୍ ପାଇଁ

**୪. ଜଳଚର ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିବା କଥା କେଉଁ ସଂସ୍ଥା ପ୍ରକାଶ କରିଛି ?**

(i) ଓସିଏନ-ଏସିଆ ସଂସ୍ଥା

(ii) ଓସିଏ – ଓଡ଼ିଶା ସଂସ୍ଥା

(iii) ଓଏନସି – ଭାରତୀୟ ସଂସ୍ଥା

(iv) ଓଏନ୍‌ସିସି – ଆମେରିକୀୟ ସଂସ୍ଥା

**୫. କରୋନା ସଂକ୍ରମଣରୁ ରକ୍ଷା ପାଇଁ ମାନବ କେଉଁ ଉପକରଣ ବ୍ୟବହାର କରୁଛି ?**

(i) ହେଲ୍‌ମେଟ୍ ଓ ବାଡ଼ି

(ii) ମାସ୍କ, ଗ୍ଲୋବ୍ସ ଏବଂ ପିପିଇ କିଟ୍

(iii) ଟୋପି ଓ ଛତା

(iv) ସାଇକେଲ୍ ଓ ଗାଡ଼ି

**୬. 'ଉତ୍କଳ ସାହିତ୍ୟ' ପତ୍ରିକାର ପ୍ରତିଷ୍ଠାତା କିଏ ?**

(i) ଗୋପବନ୍ଧୁ ଦାସ

(ii) ମଧୁସୂଦନ ଦାସ

(iii) ବିଶ୍ୱନାଥ କର

(iv) ସୁନନ୍ଦ କର

**୭.ଜାନକୀ ବାଈର ପୁଅକୁ କେତେ ବର୍ଷ ହୋଇଥିଲା ?**

(i) ପାଞ୍ଚବର୍ଷ

(ii) ଛଅବର୍ଷ

(iii) ସାତବର୍ଷ

(iv) ଆଠବର୍ଷ

**୮. 'ଧର୍ମାବତାର , ଆପଣଙ୍କ ଆଦେଶ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି ।' – ଏହି ଉକ୍ତିଟି କିଏ କହିଛନ୍ତି ?**

(i) ଜାନକୀ ବାଈ

(ii) ସୁଲତାନ୍ ଗିଆସୁଦ୍ଦିନ୍ ବଲବନ୍

**(iii)** ପିଆଦା

**(iv)** କାଜି

**୯. 'ଉଆସ'ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ରାଜପ୍ରାସାଦ

**(ii)** ଆଗ୍ରହ

**(iii)** ସମ୍ରାଟ୍

**(iv)** ଆଦେଶ ପତ୍ର

**୧୦. 'ବର୍ଷା' କବିତାର କବି କେଉଁ ଶତାବ୍ଦୀର କବି ଅଟନ୍ତି** ?

**(i)** ପଞ୍ଚଦଶ ଶତାବ୍ଦୀ

**(ii)** ଷଡ଼ଶ ଶତାବ୍ଦୀ

(iii) ସପ୍ତଦଶ ଶତାବ୍ଦୀ

(iv) ଅଷ୍ଟଦଶ ଶତାବ୍ଦୀ

**୧୧. 'ବର୍ଷା' କବିତାରେ କାହାକୁ ରାଜା ବୋଲି କୁହାଯାଇଛି ?**

**(i)** ସୂର୍ଯ୍ୟ

(ii) ଚନ୍ଦ୍ର

(iii) ପୃଥିବୀ

(iv) ଆକାଶ

**୧୨. 'ନିଶାମୁଖ' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ସକାଳ

(ii) ସନ୍ଧ୍ୟାବେଳ

(iii) ରାତି

(iv) ଦ୍ୱିପ୍ରହର

**୧୩. 'ପୃଥିବୀ' ର ପ୍ରତିଶବ୍ଦ କ'ଣ ହେବ ?**

**(i)** ମଞ୍ଜପୁର

(ii) ରବି

(iii) ତଟିନୀ

(iv) ଘନ

୧୪. 'ଗ୍ରୀଷମ' ଶବ୍ଦର ଗଦ୍ୟରୂପ କ'ଣ ହେବ ?

**(i)** ଗ୍ରୀସ୍ମ
(ii) ଗ୍ରିଷ୍ମ
(iii) ଗ୍ରୀଷ୍ମ
(iv) ଗ୍ରୀଶ୍ମ

୧୫. ଏଥିମଧ୍ୟରୁ କେଉଁ କୃତିଟି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ନୁହେଁ ?

**(i)** କଳିଙ୍ଗର ଆତ୍ମକଥା
**(ii)** ଧର୍ମପଦ
**(iii)** ବନ୍ଦୀର ଆତ୍ମକଥା
**(iv)** କାରା କବିତା

୧୬. ଭାରତର ମହାପୁରୁଷମାନେ ଅରଣ୍ୟକୁ କେଉଁ ରୂପେ ନିରୂପଣ କରିଥିଲେ ?

**(i)** ସାଧନା ଏବଂ ସିଦ୍ଧିର ସ୍ଥାନ
(ii) (ବିହାର ଓ ସଂହାର ସ୍ଥାନ
(iii) (ସମିଧ ସଂଗ୍ରହ
(iv) ଝରଣାର ସ୍ଥାନ

୧୭. 'କୁମାର ସମ୍ଭବ' କାବ୍ୟର ରଚୟିତା କିଏ ?

**(i)** ବାଲ୍ମୀକି
(ii) ବ୍ୟାସଦେବ
(iii) ଭବଭୂତି
(iv) କାଳିଦାସ

୧୮. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଟିକୁ ବାଛ ?

**(i)** ନିର୍ଜିବ
(ii) ନିର୍ଜୀବ
(iii) ନୀର୍ଜୀବ
(iv) ନୀର୍ଜିବ

୧୯. 'ଆଲେଖ୍ୟ' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ?

**(i)** ଚିତ୍ର
(ii) ପ୍ରକାଶ
(iii) ଧ୍ୱନିତ

(iv) ଚରିତାର୍ଥ

**୨୦. ଭାରତୀୟ ଭାବୁକମାନେ କାହିଁକି ପ୍ରକୃତିକୁ ସମସ୍ତ ପ୍ରେରଣାର ଉତ୍ସ ବୋଲି ଗ୍ରହଣ କରିଛନ୍ତି?**

**(i)** ଜଡ଼ ଯୋଗୁଁ
(ii) ସ୍ଥିର ଯୋଗୁଁ
(iii) ଅସ୍ଥିର ଯୋଗୁଁ
(iv) ମହାଶକ୍ତି ଯୋଗୁଁ

*******************

**D.A.V. PUBLIC SCHOOLS, POKHARIPUT, BBSR**
**PERIODIC ASSEMENT - 1 (2020-2021)**
**CLASS – VI**
**SUBJECT – HIGHER ODIA**
**TIME- 40 MINUTES SET -A Maximum Marks -20**

| Qs No | Answer |
|---|---|
| ୧ | **(iv)** ବର୍ଜ୍ୟ ସାମଗ୍ରୀଗୁଡିକ ପ୍ରବାହିତ ହୋଇ ସମୁଦ୍ରରେ ମିଶୁଥିବାରୁ |
| ୨ | **(iii)** ୧୮୮ ଟି ଦେଶ |
| ୩ | **(iii)** ପରିବେଶ ପାଇଁ |
| ୪ | **(i)** ଓସିଏନ-ଏସିଆ ସଂସ୍ଥା |
| ୫ | **(ii)** ମାସ୍କ, ଗ୍ଲୋଭ୍ସ ଏବଂ ପିପିଇ କିଟ୍ |
| ୬ | **(iii)** ବିଶ୍ୱନାଥ କର |

| | |
|---|---|
| ୭ | **(iii)** ସାତବର୍ଷ |
| ୮ | **(ii)** ସୁଲତାନ୍ ଗିଆସୁଦ୍ଦିନ୍ ବଲବନ୍ |
| ୯ | **(i)** ରାଜପ୍ରାସାଦ |
| ୧୦ | **(i)** ପଞ୍ଚଦଶ ଶତାବ୍ଦୀ |
| ୧୧ | **(iii)** ପୃଥିବୀ |
| ୧୨ | **(ii)** ସନ୍ଧ୍ୟାବେଳ |
| ୧୩ | **(i)** ମଞ୍ଜପୁର |
| ୧୪ | **(iii)** ଗ୍ରୀଷ୍ମ |
| ୧୫ | **(i)** କଳିଙ୍ଗର ଆତ୍ମକଥା |
| ୧୬ | **(i)** ସାଧନା ଏବଂ ସିଦ୍ଧିର ସ୍ଥାନ |
| ୧୭ | **(iv)** କାଳିଦାସ |
| ୧୮ | **(ii)** ନିର୍ଜୀବ |
| ୧୯ | **(i)** ଚିତ୍ର |
| ୨୦ | **(iv)** ମହାଶକ୍ତି ଯୋଗୁଁ |